### ନୂଆପଡ଼ାରେ ଜିଲ୍ଲା ଉନ୍ନୟନ ସମିତି ବୈଠକ

# ବିଭାଗ ମଧ୍ୟରେ ସମନ୍ୱୟ ରଖି ଜିଲ୍ଲାର ଉନ୍ନତି କରାଯିବ

**ନୂଆପଡ଼ା, ୨୫ ।୨(ସମିସ)**

ନୂଆପଡ଼ା ଜିଲ୍ଲାର ସାମଗ୍ରୀକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଜିଲ୍ଲାମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଧନେଶ୍ୱର ସେଠୀ, ଜିଲ୍ଲାପରିଷଦ ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ପେପରଲେସ କାର୍ଯ୍ୟ ପ୍ରଣାଳୀ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଓସ୍ୱାସ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ନିଶ୍ଚିତ କରିବାକୁ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପନିର୍ଦ୍ଦେଶକ, ପରିସଂଖ୍ୟାନ ଡିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ।



ବୈଠକରେ ପର୍ଯ୍ୟଟନ ବିଭାଗ ଦ୍ୱାରା ତିଖାଲି ଡ୍ୟାମ, ଗୋଧସ ଜଳପ୍ରପାତ, ପତୋରା ଡେମ, ପାତାଳ ଗଙ୍ଗା, ବୁଦ୍ଧି କୋମନାର ଉନ୍ନତି କରଣର ଆଲୋଚନା ହୋଇଥିଲା। ଜିଲ୍ଲା ସଂସ୍କୃତି ଭବନ, ଟାଉନ୍ ହଲ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାସହ ନୂଆପଡ଼ା ସହରର ରାଜପଥର ଉଭୟ ପାର୍ଶ୍ୱରେ ପେଭର ବ୍ଲକ ଓ ଡ୍ରେନ୍ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା କରିବାକୁ କହିଥିଲେ। ଜିଲ୍ଲାର ଚାକିରି ଆଶାୟୀ ଯୁବା ବର୍ଗଙ୍କୁ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍ଏସ୍ସି ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ ପ୍ରଶିକ୍ଷଣ ଦେବା ପାଇଁ ଯୋଗ୍ୟ ଆଶାୟୀଙ୍କୁ ଚୟନ ପୂର୍ବକ ଶୀଘ୍ର ତାଲିମ ଆରମ୍ଭ କରିବାକୁ ଜିଲ୍ଲା ନିୟୋଜନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜଳସେଚନ, ପଞ୍ଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ତହସିଲଦାରମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡି କେନ୍ଦ୍ର, ଖେଳପଡ଼ିଆ ପାଇଁ ଜମି ପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୟୋ ବନ୍ଦନା କାର୍ଯ୍ୟକ୍ରମକୁ ଶୀଘ୍ର ଆଗେଇ ନେବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀଙ୍କୁ ତାଗିଦ କରିଥିଲେ। ଜିଲ୍ଲାରୁ ଅବୈଧ ବାଲି ଓ ଖଣିଜ ପଦାର୍ଥ ଚୋରି ରୋକିବା ପାଇଁ କଠୋର ପଦକ୍ଷେପ ନେବା ପାଇଁ ଖଣି ଅଧିକାରୀ ଓ ତହସିଲଦାରମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ସହିତ କାର୍ଯ୍ୟକରି ଜିଲ୍ଲାକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ।

### ଶିକ୍ଷା ବ୍ୟବସ୍ଥାରେ ବିକଳ ଚିତ୍ର

# ୨ ଶହ ଛାତ୍ରଛାତ୍ରୀଙ୍କ ପାଇଁ ୩ ଶିକ୍ଷକ



**ଗୋଲାମୁଣ୍ଡା, ୨୫ ।୨(ସମିସ):** କଳାହାଣ୍ଡି ଜିଲ୍ଲା ବଡ଼ଚେରଗାଁ ପଞ୍ଚାୟତ ଅଧୀନରେ ଥିବା କର୍ଲା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଶିକ୍ଷକରେ ଶିକ୍ଷାଦାନ ହେଉଥିବା ଅଭିଯୋଗ ହେଉଛି। ସୂଚନାରୁ ପ୍ରକାଶ ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବେଳେ ଦୁଇ ଶହ ଛାତ୍ରଛାତ୍ରୀ ପଢୁଛନ୍ତି। ଏଥିରେ ୩ ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକ ଦୁର୍ଘଟଣାରେ ପଡ଼ିଘରେ ଅଛନ୍ତି। ଆଉଜଣେ ଶିକ୍ଷକ ବଡ଼ଚେରଗାଁ ହାଇସ୍କୁଲର ମାଟ୍ରିକ୍ ପରୀକ୍ଷାରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ଅନ୍ୟଜଣେ ଶିକ୍ଷକ ହୃଦାନନ୍ଦ ମାଝୀ ଦୁଇଶହ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ଏକ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରାୟତଃ ମାସେ ହେବ ଦୁଇ ଶିକ୍ଷକ ପାଠ ପଢ଼ାଉଥିଲେ। ମାଟ୍ରିକ ପରୀକ୍ଷା ହେବାଦିନଠୁଁ ଜଣେ ଶିକ୍ଷକରେ ଶିକ୍ଷାଦାନ ଚାଲିଛି। ଯାହାକୁ ନେଇ ଛାତ୍ରଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଏ ବିଷୟରେ ସ୍କୁଲ ସଭାପତି ସଦାଶିବ ବେମାଲ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ରାଜେସ କୁମାର ନାଏକଙ୍କୁ ଜଣାଇବା ସତ୍ୱେ ବି କୌଣସି ପଦକ୍ଷେପ ନେଇ ନ ଥିବା ପ୍ରକାଶ କରିଛନ୍ତି। ଆଜି ସମସ୍ତ ଛାତ୍ରଛାତ୍ରୀ ସ୍କୁଲ ସମ୍ମୁଖରେ ଛିଡ଼ାହୋଇ ଶିକ୍ଷକ ପାଇଁ ଦାବି କରିଛନ୍ତି। ଏନେଇ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ନାଏକଙ୍କୁ ଫୋନ ଯୋଗେ ପଚାରିବାରୁ ବ୍ଲକରେ ପ୍ରାୟ ଶିକ୍ଷକଙ୍କ ଅବସରର ହୋଇଯାଇଥିବା କେତେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଛି। ଯାହାଫଳରେ ଶିକ୍ଷକଙ୍କ ଅଭାବ ହେତୁ କର୍ଲା ସ୍କୁଲର ଶିକ୍ଷକଙ୍କୁ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଥିଲା। ଆସନ୍ତାକାଲି ସେହି ଶିକ୍ଷକଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱରୁ ହଟାଇ ସ୍କୁଲ କାର୍ଯ୍ୟ ତୁଲାଇବେ ବୋଲି ସୂଚନା ଦେଇଛନ୍ତି।

# ଲାଞ୍ଜିଗଡ଼ରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**ଲାଞ୍ଜିଗଡ଼, ୨୫ ।୨(ସମିସ):** ଭିନ୍ନକ୍ଷମଙ୍କୁ ସରକାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଅନେକ ଯୋଜନା କରୁଛନ୍ତି ବର୍ଷକୁ ବର୍ଷ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର କରାଯାଉଛି। ମଙ୍ଗଳବାର କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ମଧ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପ୍ରଶାର କରାଯାଇଥିଲା। ଲାଞ୍ଜିଗଡ଼ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସାମର୍ଥ୍ୟ ଶିବିରରେ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ଜିଲ୍ଲାପରିଷଦ ସଦସ୍ୟ ପରିକ୍ଷିତ ନାଏକ, ସାଇଡସେଭର ସଂଯୋଜକ ପ୍ରିୟବ୍ରତ ନନ୍ଦ ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ୨୬୭ ଜଣ ଭିନ୍ନକ୍ଷମ ନିଜ ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ରହି ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ୧୫୧ ଜଣ ଅର୍ଥପେଡ଼ି, ୩୪ ଜଣ ଚକ୍ଷୁ, ୪୨ ଜଣ ଶ୍ରବଣ ବାଧିତ ଓ ଭାଷା ଅସମର୍ଥ, ୩୬ ଜଣ ମସ୍ତିଷ୍କ ଦୁର୍ବଳତା, ୪ ଜଣଙ୍କୁ ସିକିଲିନ ଚିହ୍ନଟ ହୋଇଥିବା ବେଳେ ୧୪ ଜଣ ମଧୁବାବୁ ପେନସନ ଆବେଦନ କରିଥିଲେ, ୨ଜଣଙ୍କୁ ହୁଇଲ ଚେୟାର, ଜଣଙ୍କୁ ଟ୍ରାଇ ସାଇକଲ ଓ ୨୪ ଜଣଙ୍କୁ ବସ୍ ଓ ଟ୍ରେନ ପାସ ଦିଆଯାଇଥିଲା।ଅର୍ଥୋପେଡ଼ି ଡ.ଶ୍ରବଣ, ଫିଜିଓଟ୍ରିକ ଡ.ଅନନ୍ତ ଚରଣ ମେହେର, ଇଏନଟି ସ୍ପେସିଆଲିଷ୍ଟ ପ୍ରଦ୍ୟୁମ୍ନ ଚରଣ ପଣ୍ଡା, ଚକ୍ଷୁ ବିଶେଷଜ୍ଞ ନିବେଦିତା ମହାରଣା ପ୍ରମୁଖ ଯୋଗଦେଇ ପରୀକ୍ଷା କରିଥିଲେ। ବ୍ଲକର ସମସ୍ତ ଅଧିକାରୀ, କର୍ମଚାରୀ ଓ ବିଶ୍ୱନାଥପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ପରିଚାଳନା ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

**ଭବାନୀପାଟଣା, ୨୫ ।୨ (ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାକୁ କଳାହାଣ୍ଡି ସାଂସଦ ମାଳବିକା ଦେବୀ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୁଆନ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଏବଂ ସରକାରୀ ବହୁବୃତ୍ତି ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଉପସ୍ଥିତ ଥିଲେ। ସଭାକୁ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗାଚରଣ ଦାସ ଏବଂ ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ ପରିଚାଳନା କରିଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୧୮ଟି ନିଯୁକ୍ତିଦାତା କମ୍ପାନୀ ଏବଂ ୯ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ। ଏହି ମେଳାରେ ବିଭିନ୍ନ ବ୍ଲକରୁ ସର୍ବମୋଟ ୧୨୫୪ ଜଣ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀମାନେ ଯୋଗଦେଇ ନିଜର ପସନ୍ଦର ନିଯୁକ୍ତି ଦାତାଙ୍କ ପାଖରେ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୫୬୨ ଜଣ ନିଯୁକ୍ତି ପାଇଁ ଏବଂ ୪୧୨ ଜଣ ପ୍ରଶିକ୍ଷଣ ପାଇଁ ପଞ୍ଜିକରଣ କରିଥିଲେ।




# ବିଜେପି ବିରୋଧରେ ମାମଲା ରୁଜୁ ପାଇଁ କଂଗ୍ରେସର ଦାବି



**ନୂଆପଡ଼ା, ୨୫ ।୨ (ସମିସ):** ଏପଷ୍ଟିନ ଫାଇଲରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନାମ ରହିଥିବା ନେଇ ଦେଶବ୍ୟାପି କଂଗ୍ରେସ ତରଫରୁ ବିକ୍ଷୋଭ ସମାବେଶ ଚାଲିଥିବାବେଳେ ନୂଆପଡ଼ା ଜିଲ୍ଲା କଂଗ୍ରେସ ତରଫରୁ ମଧ ଏସ୍‌ପି ଅଫିସ ଘେରଉ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ସ୍ଥାନୀୟ ଏକତା ଛକଠାରୁ ଏକ ରାଲିରେ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଏସ୍‌ପିଙ୍କ ତରଫରୁ ଅତିରିକ୍ତ ଏସ୍‌ପି ରଞ୍ଜିତ ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ବିଜେପି ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି କରାଯାଇଥିଲା। ଏହି ଅବସରରେ କଂଗ୍ରେସ ତରଫରୁ ଉପସଭାପତି ଭରତଲାଲ ରାଉତ, ହୀରାଲାଲ ପଟେଲ, ସାଧାରଣ ସମ୍ପାଦକ ସୁଧୀର କୁମାର ମିଶ୍ର, ବ୍ଲକ ସଭାପତି ସୌରଭ ଚନ୍ଦ୍ରକାର, ନୀଳାଚଳ ମହାନନ୍ଦ, ବାଗୀ ଦଣ୍ଡସେନା, ମହେଶ ନିଆଲ, ରବୀନ୍ଦ୍ର ମଙ୍ଗରାଜ, କନ୍ହେମାଲାଲ ତିୱାରୀ, ହୀରାଧର ମାଝୀ, ହରି ମାଝୀ, ମାୟାଧର ଜଗତ, ମହମ୍ମଦ ଇସାଦ, ଶାହରୁଖ ଖାନ, ଅମିତ ଅହୀର ପ୍ରମୁଖ ସାମିଲ ଥିଲେ।

# ମାଧବଙ୍କୁ ଭାରତମୁକ୍ତି ମୋର୍ଚ୍ଚାର ପ୍ରଦେଶ ଅଧ୍ୟକ୍ଷ ପଦ ଦାୟିତ୍ୱ

**କଲମପୁର, ୨୫ ।୨(ସମିସ):** ମୂଳନିବାସୀ ବହୁଜନ ସମାଜର ରାଷ୍ଟ୍ରୀୟ ସଂଗଠନ ଭାରତମୁକ୍ତି ମୋର୍ଚ୍ଚାର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ଭାବେ ମାଧବ ସୁନାନୀଙ୍କୁ ଚୟନ କରାଯାଇଛି। ସଂଗଠନର କୈନ୍ଦ୍ରୀୟ ସଚିବାଳୟ ନୂଆଦିଲ୍ଲୀରୁ ସାଂଗଠନିକ ମୁଖ୍ୟ ସଚିବ ପିକେ ମଶ୍ରାମଙ୍କ ଦ୍ୱାରା ଏହି ଘୋଷଣାପତ୍ର ପ୍ରକାଶ ପାଇଛି। ଏହା ପୂର୍ବରୁ ଶ୍ରୀ ସୁନାନୀ ସଂଗଠନର ଓଡ଼ିଶା ପ୍ରଦେଶ ପ୍ରଭାରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଶ୍ରୀ ସୁନାନୀଙ୍କ ଆବାସିକ ସ୍ଥାନ କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଧୀନ ମଣ୍ଡଳ ପଞ୍ଚାୟତ ଅଧୀନସ୍ତ ଖଣ୍ଡିଡଙ୍ଗରିଗୁଡା ଗ୍ରାମରେ ରହିଥିବା ବେଳେ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ପାଇଥିବାରୁ ଜିଲ୍ଲାର ଛାତ୍ର, ଯୁବ ସମାଜ ଓ ବହୁଜନ ସମୁଦାୟରେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ତାଙ୍କ ନିକଟକୁ ଛୁଟିବାରେ ଲାଗିଛି।



# ପ୍ରୟାଗଦତ୍ତ ଯୋଷୀଙ୍କ ଜୟନ୍ତୀରେ କୋଶଲି ଦିନ



**ନୂଆପଡ଼ା, ୨୫ ।୨ (ସମିସ):** ପଶ୍ଚିମ ଓଡ଼ିଶାର କୋଶଲ ରତ୍ନ ଉପାଧିଧାରୀ ସ୍ୱର୍ଗୀୟ ପ୍ରୟାଗଦତ ଯୋଷୀଙ୍କ ଜନ୍ମଦିନକୁ କୋଶଲି ଦିନ ଭାବରେ ପାଳନ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଶଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନର ସମ୍ପାଦକ ସୁରଜିତ ସିଂ ମହାରଥା ସଭାପତିତ୍ୱ କରିଥିବାବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନାଚାର୍ଯ୍ୟ ବିନୋଦ କୁମାର ଦାସ ମୁଖ୍ୟ ଅତିଥି, ଜିଲ୍ଲା ସାମ୍ବାଦିକ ସଂଘ(ଜାନ)ର ସଭାପତି ତଥା ସକାଳର ଜିଲ୍ଲାପ୍ରତିନିଧି ଘନଶ୍ୟାମ ଭୋଇ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବହୁ ଛାତ୍ରଛାତ୍ରୀ, ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ।

# ‘ବିକଶିତ ଭାରତ ଯୁବ ସଂସଦ’ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

**ଭବାନୀପାଟଣା, ୨୫ ।୨(ସମିସ):** ଆସନ୍ତା୨୭ ତାରିଖରେ କଳାହାଣ୍ଡି ଜିଲ୍ଲାର ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଯୁବ ସଂସ୍କାର ହଲରେ, ମେରା ଯୁବ ଭାରତ ଓ ଜାତୀୟ ସେବାଯୋଜନା ପ୍ରଭାଗ, ମା’ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ସଫଳ କରିବା ନିମନ୍ତେ ଓ ଏହି କାର୍ଯ୍ୟକ୍ରମରେ ଭାଗ ନେବାକୁ ବିଶ୍ୱବିଦ୍ୟାଳୟ ଓ ମେରାଯୁବା ଭାରତ ପକ୍ଷରୁ ମିଳିତ ପ୍ରୟାସରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ଅନ୍ୟାନ୍ୟ ଯୁବଶକ୍ତିମାନେ ପ୍ରାୟ ୨୦୦ ଜଣରୁ ଅଧିକ ଯୋଗଦାନ କରିବା ଲାଗି ଆହ୍ୱାନ କରାଯାଇଛି। ଏଥିରେ ୧୮ ରୁ ୨୫ ବର୍ଷର ଯୁବକ ଓ ଯୁବତୀ ମେରା ଯୁବା ଭାରତ ପୋର୍ଟାଲ୍ ଜରିଆରେ ପଞ୍ଜୀକରଣ କରିବାର ବ୍ୟବସ୍ଥାମାନ ଅଛି। ଏହି କାର୍ଯ୍ୟକ୍ରମରେ ତିନୋଟି ଭାଷା ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷା ମାଧ୍ୟମରେ ୫୦ ବର୍ଷର ଜରୁରୀକାଳୀନ ପରିସ୍ଥିତି : ଭାରତୀୟ ଗଣତନ୍ତ୍ର ପାଇଁ ଶିକ୍ଷା’ ଶିର୍ଷକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପାଞ୍ଚଜଣଙ୍କୁ ପ୍ରତିଯୋଗୀକୁ ବିଚାରକ ମଣ୍ଡଳୀଙ୍କ ଦ୍ୱାରା ଚୟନ କରାଯାଇ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଲାଗି ଚୟନ କରାଯିବ। ଏହି କାର୍ଯ୍ୟକ୍ରମକୁ ସଫଳ କରାଯିବା ଲାଗି କାର୍ଯ୍ୟକ୍ରମର ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ, ମେରା ଯୁବା ଭାରତ, କଳାହାଣ୍ଡି ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର, ବିଶ୍ୱବିଦ୍ୟାଳୟର ଉପକୁଳ ସଚିବ, ମେଜର ଡ. ଜୟଦେବ ସାହୁ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି।



# ‘ବିକଶିତ ଭାରତ ଯୁବ ସଂସଦ’-୨୦୨୬ କାର୍ଯ୍ୟକ୍ରମ

**ଖଡ଼ିଆଳ, ୨୫ ।୨(ସମିସ):** ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ତରଫରୁ ବିକଶିତ ଭାରତ ଯୁବ ସଂସଦ -୨୦୨୬ କାର୍ଯ୍ୟକ୍ରମ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସମ୍ପାଦିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ମଞ୍ଚରେ ଯୁକ୍ତଦୁଇ ଅଧ୍ୟକ୍ଷ ତଥା ଏକାଡେମିକ ଭର୍ସାର ଅଧ୍ୟାପକ ଡ଼.ରଣବୀର ସିଂ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଛାତ୍ର କଲ୍ୟାଣ ଅଧିକାରୀ ଅଧ୍ୟାପିକା ଗୀତାଶ୍ରୀ ପ୍ରିୟମ୍ବଦା, ଯୋଥ ଆଇକନ ଭାବରେ ମଡେଲ ଡିଗ୍ରୀ ମହାବିଦ୍ୟାଳୟର ସହ ପ୍ରଫେସର ପ୍ରହ୍ଲାଦ ମାଝୀ, ଯୁକ୍ତ ତିନି ଯୋଜନା ଅଧିକାରୀ ଅଧ୍ୟାପକ ଡ. ସୁରଞ୍ଜନ ପ୍ରଧାନଙ୍କ ସମେତ ପଞ୍ଚ ନିରପେକ୍ଷ, ଜ୍ଞାନୀ ବିଶିଷ୍ଟ ଶିକ୍ଷାବିତ ଡ. ଫଣିନ୍ଦମ ଦେଓ ପୂର୍ବତନ ଅଧ୍ୟକ୍ଷ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ, ପ୍ରଫେସର ଡ଼.ଜଗମୋହନ ମେହେର ପୁନେ, ଆଦର୍ଶ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଅଜିତ କୁମାର ପଣ୍ଡା, ଭବାନୀପାଟଣା ଜୟପ୍ରକାଶ ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ-ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଡ଼. ପ୍ରତାପ କୁମାର ଦାଶ ବିଚାରକ ଭାବରେ ଉପସ୍ଥିତ ଥିଲେ। ନୂଆପଡ଼ା ଜିଲ୍ଲା ମଧ୍ୟସ୍ଥ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀଙ୍କ ମଧ୍ୟରେ ‘ଜରୁରୀ କାଳୀନ ପରିସ୍ଥିତି ଗଣତନ୍ତ୍ର ପାଇଁ ଏକ ଅଧ୍ୟାୟ ର ୫୦ ବର୍ଷ ପୂର୍ତ୍ତି ‘ବିଷୟ ଭିତ୍ତିକ ତର୍କ ପ୍ରତିଯୋଗିତା ହୋଇଥିଲା। ପଞ୍ଚ ବିଚାରପତିଙ୍କ ବିଚାରରେ ୫ଜଣ ଙ୍କୁ ମନୋନୀତ କରାଯାଇଥିଲା। ଯଥାକ୍ରମେ ସୁଜ୍ଞାନ ସିଂ ବାରିକ(ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ), ରୁଚିସ୍ମିତା ନାଗ, ସନ୍ଦୀପ ନାଏକ(ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ) ଜାନକୀ ଦଣ୍ଡସେନା, (ନୂଆପଡ଼ା ନେସନାଲ ମହାବିଦ୍ୟାଳୟ) ଶ୍ରୁତିମୟୀ କଛିଆ (ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟ) ବିଜୟୀ ହୋଇଥିଲେ। ପରିଶେଷରେ ଯୁକ୍ତ ଦୁଇ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ଜିତେନ୍ଦ୍ର କଳସାଇ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଅଧ୍ୟାପିକା ନିବେଦିତା ଆଚାର୍ଯ୍ୟ, ଅଧ୍ୟାପିକା ସନ୍ତୋଷୀ ଶର୍ମା, ଅଧ୍ୟାପିକା ଆନନ୍ଦିନୀ ମିଶ୍ର, ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ଅଧ୍ୟାପକ ଡ଼. ମହାଦେବ ଭୋଇ, ଅଧ୍ୟାପକ ଜବହର ରଞ୍ଜନ ପଣ୍ଡା, ଅଧ୍ୟାପିକା ସାଗରିକା ପଣ୍ଡା, ଅଧ୍ୟାପିକା ଡ଼ କାଜଲ ମେହେର, ଅଧ୍ୟାପକ ରମାକାନ୍ତ ସିଂ ସାହାଣୀଙ୍କ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



### ଆନ୍ଦୀଝରନରେ ପାନୀୟ ଜଳ ସଂକଟ

# ବର୍ଷେ ହେଲା ସୌର ଚାଳିତ ପ୍ରକଳ୍ପ ଅଚଳ



**କୋକସରା, ୨୫ ।୨(ସମିସ)**

ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା କୋକସରା ବ୍ଲକ ଆମପାଣି ପଞ୍ଚାୟତର ଉପାନ୍ତ ଆନ୍ଦୀଝରନରେ ପାନୀୟ ଜଳ ସଂକଟ ଦେଖାଦେଇଛି। ଯାହା ଫଳରେ ଲୋକେ ପାନୀୟଜଳ ନିମନ୍ତେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଗାଁରେ ପ୍ରାୟ ୨୫ ପରିବାରର ଏକ ଶହରୁ ଉର୍ଦ୍ଧ୍ୱ ଲୋକେ ବସବାସ କରି ଆସୁଛନ୍ତି। ସେମାନଙ୍କ ପାନୀୟଜଳ ବ୍ୟବହାର ନିମନ୍ତେ ଗାଁରେ ତିନୋଟି ନଳକୂପ ରହିଛି। ସେଥିମଧ୍ୟରୁ ଗୋଟିଏ ନଳକୂପରେ ସୋଲାର ସିଷ୍ଟମ ସାହାଯ୍ୟରେ ପାଣି ବ୍ୟବସ୍ଥା ହୋଇଛି। ହେଲେ ବର୍ଷେ ହେବ ଉକ୍ତ ସୌର ଚାଳିତ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାବେଳେ ଦୀର୍ଘ ଦିନ ହେଲା ଗୋଟିଏ ନଳକୂପ ମଧ୍ୟ ଅଚଳ ହୋଇପଡ଼ିଛି। ତେଣୁ ଗାଁରେ ବର୍ତ୍ତମାନ ଜଳ ସଂକଟ ଦେଖାଦେଇଛି। ଅଚଳ ହୋଇଥିବା ଉକ୍ତ ସୌରଚାଳିତ ପାନୀୟ ଜଳ ପ୍ରକଳ୍ପ ଓ ନଳକୂପକୁ ସଚଳ କରିବା ପାଇଁ ପ୍ରଶାସନକୁ ଜଣାଇଥିଲେ ମଧ୍ୟ ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଗ୍ରାମର ଶିବ ମାଝୀ, ସୋମବାରୁ ମାଝୀ, ଥବିର ମାଝୀ, ମନୋହର ମାଝୀ, ରାମ ସିଂ ମାଝୀ, ଯଶୋଦା ମାଝୀ, ରତ୍ନି ମାଝୀ, ଯମୁନା ମାଝୀ, ଜସ୍ମିନ ଜାନୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଆଗକୁ ଖରାଦିନ ଆରମ୍ଭ ହେବାକୁ ଥିବାବେଳେ ତା’ ପୂର୍ବରୁ ମରାମତି ଦିଗରେ ଦୃଷ୍ଟି ନ ଦେଲେ ଗାଁରେ ଜଳ ସଂକଟ ସଙ୍ଗୀନ ସ୍ଥିତି ହୋଇପାରେ ବୋଲି ଅନୁମାନ କରାଯାଇଛି। ତେଣୁ ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏନେଇ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଯଶୋବନ୍ତୀ ଭୋଇଙ୍କ ପ୍ରତିକ୍ରିୟା ନେବାରୁ ୧୯୧୬ ନମ୍ବରରେ ଅଭିଯୋଗ ଦିଅନ୍ତୁ ବୋଲି କହିଥିଲେ।

ସକାଳ THE SAKALA



## ତରଭା ବିଡିଓଙ୍କଠାରୁ କ୍ଷମତା ଅପସାରଣ



ତରଭା,୨୫।୨(ସମିସ): ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ମଙ୍ଗଳବାର ତରଭା ବିଡ଼ିଓଙ୍କଠାରୁ କ୍ଷମତା ଅପସାରଣ କରି ନେଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଯେ, ଗଙ୍ଗାରାମ ବୁଡେକ ତରଭା ବିଡ଼ିଓ ଭାବେ ଯୋଗଦେବା ପରଠାରୁ କର୍ମଚାରୀ ଓ ଜନପ୍ରତିନିଧିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ, ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟର ପାଉଣା ପ୍ରଦାନରେ ଅହେତୁକ ବିଳମ୍ବ ଓ ଉନ୍ନୟନ କାମକୁ ଠପ୍ କରିଦେବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଥିଲା। ଜିଲ୍ଲାପାଳ ଶ୍ରୀ ସାହୁ ତରଭା ବ୍ଲକ କାର୍ଯ୍ୟାଳୟକୁ ଆସି ଶ୍ରୀ ବୁଡେକଙ୍କଠାରୁ ତାଙ୍କ କ୍ଷମତା ଅପସାରଣ କରିଛନ୍ତି। ଏହା ଏବେ ତରଭା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ପନଖିମାଲ ଧାନ ମିଲ୍‌ରେ ନେପାଳି ଶ୍ରମିକଙ୍କ ମୃତ୍ୟୁ

ବୌଦ୍ଧ,୨୫।୨(ସମିସ): ପନଖିମାଲ୍ ନିକଟରେ ଥିବା ଏକ ଧାନ ମିଲ୍‌ରେ କାର୍ଯ୍ୟ କରୁଥିବା ଜଣେ ନେପାଳି ଶ୍ରମିକଙ୍କ ମୃତ୍ୟୁ ଘଟିଛି। ବୌଦ୍ଧ ପୁଲିସ ଶବ ଜବତ କରିଛି। ମୃତକ ହେଲେ ରାଜେନ୍ଦ୍ର ସଦା। ଏହି ମିଲ୍‌ରେ ସେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ବିଳମ୍ବିତ ରାତିରେ ସହଯୋଗୀ ଶ୍ରମିକମାନେ ତାଙ୍କୁ ଆଣି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର କିନ୍ତୁ ତାଙ୍କ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଡାକ୍ତରଖାନାରୁ ଖବର ପାଇ ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।

## ଜନ ଗଣନା ପ୍ରଶିକ୍ଷଣ ଶିବିର

ବୌଦ୍ଧ,୨୫।୨(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ଗୃହରେ ଜନଗଣନା ଶାଖା ପକ୍ଷରୁ ପ୍ରଶିକ୍ଷଣ ଶିବିର ଶୁଭାରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଜନଗଣନା ଅଧିକାରୀ ତଥା ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଜିଲ୍ଲା ଜନଗଣନା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ପ୍ରଶିକ୍ଷକ ବିଜୟ ସାହୁ, ସଂଜିତ ରଜକ ଓ ଅମ୍ରିତେନ୍ଦୁ ସାଧୁଖାନ ପ୍ରମୁଖ ଜନଗଣନାରେ ନିୟୋଜିତ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଡେପୁଟି କଲେକ୍ଟର ନିରଞ୍ଜନ ବଘାର, ବରିଷ୍ଠ ରାଜସ୍ୱ ସହାୟକ ସ୍ନେହଲତା ଦେହୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୯ ବର୍ଷ ହେଲା ବୁଣାକାର ତନ୍ତୁବାୟ ସମିତି ଅଚଳ

## ଭୂତକୋଠି ପାଲଟିଗଲାଣି କାର୍ଯ୍ୟାଳୟ

ଶଗଡ଼ା,୨୫।୨(ସମିସ)

ସରକାର ବୁଣାକାରମାନଙ୍କ ଉନ୍ନତି ପାଇଁ ଅନେକ ଯୋଜନା ପ୍ରଣୟନ କରୁଛନ୍ତି। ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅବହେଳା ଯୋଗୁଁ ବୁଣାକାରମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଗୁଡ଼ଭେଲିପଦରରେ ଥିବା ବୁଣାକାର ତନ୍ତୁବାୟ ସମିତି ଦୀର୍ଘ ୧୯ ବର୍ଷରୁ ଅଧିକ ହେବ ଅଚଳ ହୋଇ ପଡ଼ି ରହିଛି। ସମିତି ଅଚଳ ହେବା ଫଳରେ ବୁଣାକାରମାନେ ସରକାରଙ୍କ ସମସ୍ତ ଯୋଜନାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବୁଣାକାରମାନେ ଆବଶ୍ୟକୀୟ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ବାହାର ମାଲିକମାନଙ୍କ ନିକଟରେ ନିର୍ଭର କରିବାକୁ ପଡୁଛି। ସମିତି ମାଧମରେ ବୁଣାକାରମାନଙ୍କୁ ସୂତା, ରଙ୍ଗ, ଉପଯୁକ୍ତ ମଜୁରୀ ପ୍ରଦାନ କରିବା ସହ ସରକାରୀ ଯୋଜନାରେ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା ରହିଛି; ହେଲେ ସମିତି ଅଚଳ ହୋଇ ପଡି ରହି ଥିବାରୁ ଗ୍ରାମର ସମସ୍ତ



ବୁଣାକାରମାନେ ବାହାର ବେପାରୀର ଶୋଷଣର ଶିକାର ହେଉଛନ୍ତି। ଗ୍ରାମରେ ବସବାସ କରୁଥିବା ପ୍ରାୟ ୭୦ରୁ ଅଧିକ ବୁଣାକାର ପରିବାର ଦୀର୍ଘ ୧୯ବର୍ଷ ହେବ ସବୁ ସରକାରୀ ଯୋଜନାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ଅଚଳ ସମିତିକୁ ଚାଲୁ କରିବା ପାଇଁ ବୁଣାକାରମାନେ ଦୀର୍ଘ ବର୍ଷ ବ୍ୟାପି ବିଭିନ୍ନ ସମୟରେ ବୌଦ୍ଧ ସ୍ଥିତ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକଙ୍କ ନିକଟରେ ଦାବି କରି ଆସୁଛନ୍ତି; ହେଲେ କେହି ଶୁଣୁ ନ ଥିବା ବୁଣାକାର ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଉ ନାହାନ୍ତି। ବୁଣାକାର ଦୌଡ଼ି ଦୌଡ଼ି ନୟାନ୍ତ ହେଲା ପରେ କେବଳ ପ୍ରତିଶ୍ରୁତି ମିଳୁଛି। ବୁଣାକାରଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ସୂତା ରଙ୍ଗ ରିହାତି ମୂଲ୍ୟରେ ଯୋଗାଇ ଦେବା, ବୁଣାକାର କର୍ମଶାଳା, ବିଜୁଳି, ସୋଲାର ଇନଭର୍ଟର, ଋଣ, ତନ୍ତ ସରଞ୍ଜାମ, ଉନ୍ନତ ଜ୍ଞାନ କୌଶଳ ତାଲିମ, ଶିକ୍ଷଣ ପାଇଁ ବାହାର ରାଜ୍ୟକୁ ଗସ୍ତ ଆଦି ଅନେକ ଯୋଜନା ରହଛି। ଏସବୁ ଯୋଜନାରୁ ଗ୍ରାମର ବୁଣାକାରମାନେ ବଞ୍ଚିତ ହେଉଛନ୍ତି। ଗ୍ରାମରେ ଅଧିକାଂଶ ବୁଣାକାର ଶାଢ଼ୀ ବୁଣା ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ସରକାରୀ ସହାୟତାରୁ ବୁଣାକାର ବଞ୍ଚିତ ହେଉଛନ୍ତି। ଗ୍ରାମରେ ସମିତିର ନିଜସ୍ୱ କାର୍ଯ୍ୟାଳୟ ସହ ଆବଶ୍ୟକୀୟ ଭିତ୍ତିଭୂମି ରହିଛି; ହେଲେ ସମିତି ଅଚଳ ହୋଇ ପଡ଼ିବା ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଦୀର୍ଘ ବର୍ଷ ହେବ ସମିତି ଅଚଳ ହୋଇ ପଡ଼ି ରହି ଥିବାରୁ ସମିତିର ଆସବାବ ପତ୍ର, କାଗଜପତ୍ର, କାଠ ସରଞ୍ଜାମ ସହ ଅନ୍ୟାନ୍ୟ ସାମଗ୍ରୀ ନଷ୍ଟ ହେଇ ଗଲାଣି। ରକ୍ଷଣାବେକ୍ଷଣ ଅଭାବରୁ ସମିତି କାର୍ଯ୍ୟାଳୟ ମଧ ଭାଙ୍ଗିବାକୁ ବସିଲାଣି। ଅଞ୍ଚଳର ବୁଣାକାରମାନଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଚଳ ସମିତିକୁ ଚାଲୁ କରିବାକୁ ବୁଣାକାର ମାନେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ବୁଣାକାର ସମିତି ଖୁବ୍ ଶୀଘ୍ର ଚାଲୁ କରା ନ ଗଲେ ଆଗାମୀ ଦିନରେ ବୁଣାକାରମାନେ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିବେ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ବୌଦ୍ଧ ରୋଗୀ କଲ୍ୟାଣ ସମିତିର ସଭା



ବୌଦ୍ଧ,୨୫।୨(ସମିସ): ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତାଲିମ କେନ୍ଦ୍ରଠାରେ ବୌଦ୍ଧ ଜିଲ୍ଲା ରୋଗୀ କଲ୍ୟାଣ ସମିତିର ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଏହି ଉଚ୍ଚସ୍ତରୀୟ ବୈଠକ ବସିଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ମହେନ୍ଦ୍ର ସାହୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ସଂଘମିତ୍ରା ପଣ୍ଡା ବୈଠକରେ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଗତ ବୈଠକରେ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ଖୁବ୍ ଶୀଘ୍ର ଡାକ୍ତରଖାନା ପରିସରରୁ ଜବରଦଖଲ ଉଚ୍ଛେଦ କରିବା ସହ ଡ୍ରେନେଜ୍ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ରୋଗୀମାନଙ୍କ ପାଇଁ ଅଧିକ ଆମ୍ବୁଲାନ୍ସ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ନୂତନ ଭାବେ ନିର୍ମାଣ ହୋଇଥିବା ୩୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟରେ ରହିଥିବା ସମସ୍ୟା ଓ ସମାଧାନ ବିଷୟରେ ସମୀକ୍ଷା ହୋଇଥିଲା। କୋଠା ନିର୍ମାଣ ମଞ୍ଜୁରୀ, ପରିବେଶ ଅନୁମୋଦନ ପତ୍ର, ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଓ ପରିଚାଳନା ପ୍ରମାଣପତ୍ର ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ମାସରେ ଉଦ୍‌ଘାଟନ କରାଯିବ ବୋଲି ପ୍ରକାଶ କରିଥିଲେ। ଫିଜିଓଥେରାପିର ଆବଶ୍ୟକତାକୁ ଦେଖି ନୂତନ ଯନ୍ତ୍ରପାତି ବ୍ୟବସ୍ଥା ଏବଂ ରକ୍ତ ଭଣ୍ଡାରରେ ଆବଶ୍ୟକ ପଡୁଥିବା ସାମଗ୍ରୀ କିଣିବାକୁ ଅନୁମୋଦନ ହୋଇଛି।

ଏହି ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀ, କାର୍ଯ୍ୟକାରୀ ସଦସ୍ୟ ତାରେଣି ମହାପାତ୍ର, ଦେବାଶିଷ ପୁରୋହିତ, ନଟବର ଅଗ୍ରୱାଲା, ଆଶାରାଣୀ ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା। ଇଂ ରାକେଶ ତ୍ରିପାଠୀ, ପ୍ରମୁଖ ଯୋଗ ଦେଇଥିଲେ।

## ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ବୌଦ୍ଧ,୨୫।୨(ସମିସ): ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ବିନ୍ଧ୍ୟାବିନୀ ସାହୁଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ବାହାରି ଥିଲେ। କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ, କିରଣ ରିଜିଜୁ ଏବଂ ଝାଡ଼ଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଡୁବେ ରାହୁଲ ଗାନ୍ଧୀଙ୍କ ନାମରେ ଦେଇଥିବା ଆଶାଳୀନ, ଧମକପୂର୍ଣ୍ଣ ଓ ସମ୍ମାନ ହାନୀଯୁକ୍ତ ବକ୍ତବ୍ୟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଏସ୍‌ପିଙ୍କୁ ଏକ ଦାବିପତ୍ର ଦିଆଯାଇଛି। ସୁଶାନ୍ତ ମଲ୍ଲିକ, ନିରାକାର ବେହେରା, ଶୁକଦେବ ମଙ୍ଗରାଜ, ବିଷ୍ଣୁ ଚରଣ ସାହୁ, ସୁନାଧର୍ ପୁଟେଲ, ବ୍ରଜମୋହନ୍ ବାରିକ୍, ସୁରେନ୍ଦ୍ର ସାହୁ, ଉଦ୍ଧବ ବେହେରା, ପ୍ରମିଳ ସେଠୀ, ସିତୁ ନାଏକ, କୁମୁଦିନୀ ହାତୀ, ସୁମିତ୍ରା ପେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ଶତ୍ରୁଘନ ସାହୁଙ୍କ ବିୟୋଗରେ ଶୋକସଭା



ଡୁଙ୍ଗୁରିପାଲି,୨୫।୨(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଶୁଖା ଓ ଇଚ୍ଛାପୁର ପଞ୍ଚାୟତର ପୂର୍ବତନ ସଂପାଦକ ସତ୍ରୁଘନ ସାହୁଙ୍କ ବିୟୋଗରେ ଶୁଖା ଗ୍ରାମବାସୀ ଓ ରାମକୃଷ୍ଣ ସମିତି ପକ୍ଷରୁ ସ୍ଥାନୀୟ ଦୈନିକ ବଜାର ପ୍ରାଙ୍ଗଣରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଗ୍ରାମର ତଥା ରାମକୃଷ୍ଣ ସମିତିର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଗାଁର ମଙ୍ଗଳ ପାଇଁ ସ୍ୱର୍ଗତ ସାହୁ ଯେଉଁ ସ୍ୱପ୍ନ ଦେଖୁଥିଲେ ଏବେ ତାଙ୍କ ସେହି ସ୍ୱପ୍ନକୁ ଆମେ ସମସ୍ତେ ମିଶି ପୁରଣ କରିବା ପାଇଁ ସଂକଳ୍ପ ନେବା ଉଚିତ ବୋଲି ସଭାରେ ଉପସ୍ଥିତ ବ୍ୟକ୍ତିମାନେ ମତ ପ୍ରକାଶ କରିବା ସହ ତାଙ୍କ ସ୍ମୃତିଚାରଣ କରିଥିଲେ। ପ୍ରକାଶ ଥାଉକି, ସ୍ୱର୍ଗତ ସାହୁଙ୍କ ଗତ ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଥିଲା।

## ବୌଦ୍ଧରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା




ବୌଦ୍ଧ,୨୫।୨(ସମିସ): ବୌଦ୍ଧ ଟାଉନ ହଲଠାରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଡିଜିଟାଲ କୌଶଳ, ଆଇନଗତ ଅଧିକାର ଓ ସଚେତନତା, ମହିଳା ଉଦ୍ୟୋଗୀଙ୍କ ପାଇଁ ବଜାର ସୁଯୋଗ, ଆର୍ଥିକ ସାକ୍ଷରତା ଓ ସଶକ୍ତିକରଣ ଉପଲକ୍ଷେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ (ଜିଲ୍ଲା ପରିଷଦ) ଚାର୍ଲସ ନାୟକ, ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଚନ୍ଦ୍ରକାନ୍ତି ବେଉରା, ସମନ୍ୱିତ ଶିଶୁ ବିକାଶ ଅଧିକାରୀ (କଣ୍ଟାମାଳ) ପଙ୍କଜିନୀ ମିଶ୍ର ପ୍ରମୁଖ ଯୋଗ ଦେଇ କର୍ମଶାଳାର ଆଭିମୁଖ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ଏହି କର୍ମଶାଳାରେ ମହିଳା ସଶକ୍ତି କରଣର ଜିଲ୍ଲା ସଂଯୋଜିକା ସୁଜାତା ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ସନ୍ତୋଷିନୀ ଭୋଇ କର୍ମଶାଳାରେ ସଂଯୋଜନା କରିଥିଲେ। ଶାରଦା ପ୍ରସନ୍ନ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ବିଶେଷଜ୍ଞ ଭାବେ ସୁଚରିତା ଜେନା, ବିଶ୍ୱ ଯୁବ କେନ୍ଦ୍ରର ସ୍ମିତା ପଟ୍ଟନାୟକ, ୱାନ ଷ୍ଟପ ସେଣ୍ଟର (ସଖୀ ନିବାସ)ର ସନୁଜା ପ୍ରଧାନ ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁମନ ମହାକୁଡ଼, କିରଣ ପ୍ରିୟଦର୍ଶିନୀ, ପଞ୍ଚାନନ ମେହେର, ଶିଶିର ନାୟକ, ଜୟନ୍ତ ମେହେର, ମାଧବ ତୋଲା ପ୍ରମୁଖ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକଙ୍କ ଭରଣପୋଷଣ କଲ୍ୟାଣ ଆଇନ ସଚେତନତା ଶିବିର

ତରଭା,୨୫।୨(ସମିସ): ମଙ୍ଗଳବାର ସୋନପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ପିତାମାତା ଏବଂ ବରିଷ୍ଠ ନାଗରିକଙ୍କ ଭରଣ ପୋଷଣ କଲ୍ୟାଣ ଆଇନ-୨୦୦୭ ଜିଲ୍ଲାସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ସହୃଦୟ ବ୍ୟକ୍ତି ଓ ନିଜ ପରିବାରର ସଦସ୍ୟଙ୍କଠାରୁ ସହଯୋଗ ମିଳେ। ଆଇନଠୁ ଦୂରେଇ ରହିବା ପାଇଁ ପରିବାରର ମୁରବୀମାନେ ସେଭଳି ବାତାବରଣ ସୃଷ୍ଟି କରିବା ଉଚିତ। ଯେତେ ତୀର୍ଥ ବୁଲିଲେ ମଧ ମଣିଷ ଶେଷରେ ଘରକୁ ହିଁ ଆସିବ। ଏଣୁ ଘରକୁ ସଜାଡି ରଖିବା ଆବଶ୍ୟକ। ନିଜର ପୁଅ, ବୋହୂ, ନାତିନାତୁଣୀଙ୍କ ସହ ସ୍ନେହରେ ରହିବା ଆବଶ୍ୟକ। ବରିଷ୍ଠ ନାଗରିକଙ୍କ ସମ୍ମିଳନୀକୁ ଏକା ନ ଆସି ପତ୍ନୀଙ୍କ ସହିତ ଆସିବା ଉଚିତ ବୋଲି ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବୈଠକକୁ ତରଭା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, ଜିଲ୍ଲା ସମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ଓ ହେଲ୍ପେଜ ଇଣ୍ଡିଆର ପ୍ରକଳ୍ପ ସଂଯୋଜିକା ଦେବଶ୍ରୀ ବ୍ରହ୍ମା ଉପସ୍ଥିତ ଥିଲେ। ଶିବିରରେ ଭରଣପୋଷଣ ବରିଷ୍ଠ ନାଗରିକ ଆଇନ-୨୦୦୭ ବିଷୟରେ ପ୍ରକଳ୍ପ ସଂଯୋଜିକା ଛାତ୍ରଛାତ୍ରୀ ଓ ବରିଷ୍ଠ ନାଗରିକମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ରତ୍ୟେକ ଜିଲ୍ଲାରେ ୧୫୦ କ୍ଷମତା ସମ୍ପନ୍ନ ବରିଷ୍ଠ ନାଗରିକ ଆଶ୍ରୟସ୍ଥଳୀ ରହିବା ଓ ଏହାର ତଦାରଖ ଜିଲ୍ଲାପାଳ କରିବେ ବୋଲି ସୂଚନା ଦିଆଯାଇଥିଲା।

## ମେଧାବୀ ଛାତ୍ରଛାତ୍ରୀ ପୁରସ୍କୃତ



ବୌଦ୍ଧ,୨୫।୨(ସମିସ): ହରଭଙ୍ଗା ବ୍ଲକ ସଦରମହକୁମା ଠିକିକାଯୋରସ୍ଥିତ ଶାଶ୍ୱତ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ବ୍ଲକର ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ହରଭଙ୍ଗା ବ୍ଲକ ଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଫଳାଫଳ ଅନୁଯାୟୀ କୃତିତ୍ୱ ହାସଲ କରିଥିବା ୨୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୫ ଜଣ ଏବଂ ବିଗତ ବର୍ଷର ଜଣେ ସଫଳ ଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଛି। ପୁରସ୍କୃତ ମେଧାବୀ ଛାତ୍ରଛାତ୍ରୀମାନେ ହେଲେ ସୁମନ୍ତ ଜାନୀ (ମାର୍ଦିଙ୍ଗ ପ୍ରାଥମିକ ବିଦ୍ୟାଳୟ), ଓମପ୍ରକାଶ ଶତପଥୀ (ଛତରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ), ଆଦ୍ୟାଶା ସାହୁ (ଫୁଲଝରି ପ୍ରାଥମିକ ବିଦ୍ୟାଳୟ), ଶୁଭଲକ୍ଷ୍ମୀ ସାହୁ (ଫୁଲଝରି ପ୍ରାଥମିକ ବିଦ୍ୟାଳୟ), ଚିନ୍ମୟୀ ଗାଇଗୋରିଆ (ଫୁଲଝରି ପ୍ରାଥମିକ ବିଦ୍ୟାଳୟ), ସୋହନ ନାୟକ (ତୁକୁଲୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ବିଗତ ବର୍ଷ)। ଟ୍ରଷ୍ଟର ମୁଖ୍ୟ ଶ୍ରୀ ଶାଶ୍ୱତ ଦେବବ୍ରତ ଦାଶ ଉପସ୍ଥିତ ରହି ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ।

## ଭୈରବୀ ଡିଗ୍ରୀ କଲେଜରେ ସଚେତନତା କାର୍ଯ୍ୟକ୍ରମ



ବୌଦ୍ଧ,୨୫।୨(ସମିସ):ପୁରୁଣାକଟକ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟାପିକା ଧରିତ୍ରୀ ରାଣୀ କାନୁନ୍‌ଗୋ, ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ତାରେଣୀଆଁ, ଲଳିତ ମେହେର, ସୁରେଶ୍ୱର ଯୋଶୀ, ନିହାର ରଞ୍ଜନ ମିଶ୍ର, ପୀତବାସ ମେହେର, ଶୁଭ୍ର ମଲ୍ଲିକା ପ୍ରଧାନ, ପୂଜାରାଣୀ ଦେଓ, ଦମୟନ୍ତୀ ନାଏକ ପ୍ରମୁଖ ଯୋଗ ଦେଇଥିଲେ।

## ଫ୍ରେଣ୍ଡସ କ୍ଲବ୍ ପକ୍ଷରୁ ୨୩ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ମାନୁପାଲି ଓ ମୁଣ୍ଡାପଡ଼ା ବିଜୟୀ



ଜହ୍ନାପଙ୍କ,୨୫।୨(ସମିସ)

ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ ଖେଳପଡ଼ିଆରେ ପ୍ରେଣ୍ଡସ କ୍ଲବ୍ ଆନୁକୂଲ୍ୟରେ ୨୩ତମ ମୁଣ୍ଡାପଡା ଫ୍ରେଣ୍ଡସ କ୍ଲବ୍ ଫୁଟବଲ୍ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମୁଣ୍ଡାପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ ଯୋଗ ଦେଇ ଖେଳ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ମାନୁପାଲି ଓ ବିରିଗଡ଼ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମାନୁପାଲି ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ମୁଣ୍ଡାପଡା ଓ କଣାପଡ଼ା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଣ୍ଡାପଡା ଦଳ ୨-୧ ଦଳରେ ବିଜୟୀ ହୋଇଥିଲା। ରେଫରୀ ଭାବେ ମୁଣ୍ଡାପଡା ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଅମରେଶ ପ୍ରଧାନ ସହଯୋଗ କରିଥିଲେ। ରଞ୍ଜନ ପଟ୍ଟନାୟକ, ବେଲାରସେନ ନାୟକ, ନିରଞ୍ଜନ ବଗର୍ତ୍ତୀ, ପ୍ରହ୍ଲାଦ ଭୋକ୍ତା ପ୍ରମୁଖ ସହଯୋଗ କରିଥିଲେ। ଅଜିତ ସାହୁ ଧାରାବିବରଣୀ ପ୍ରଦାନ କରିଥିବା ବେଳେ ପ୍ରେଣ୍ଡସ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## କରଞ୍ଜାକଟା ତଳି ସାହିରେ ପାଣି ପାଇଁ ବିବାଦ



ବୌଦ୍ଧ,୨୫।୨(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ କରଞ୍ଜାକଟା ତଳି ସାହିରେ ପାଣିକୁ ନେଇ ବିବାଦ ସୃଷ୍ଟି ହୋଇଛି। ଗ୍ରାମର ଉପେନ୍ଦ୍ର ନାଏକଙ୍କ ସମେତ କେତେକ ବ୍ୟକ୍ତି ସାହିରେ ଥିବା ସରକାରୀ ନଳକୂପକୁ ଯିବା ରାସ୍ତାକୁ ବାଡ଼ ଦେଇ ବନ୍ଦ କରିଦେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏହି ରାସ୍ତା ମାଧ୍ୟମରେ ସାଇବାସୀ ଦୀର୍ଘଦିନ ଧରି ପିଇବା ପାଣି ଆଣୁଥିଲେ;

- ସରକାରୀ ନଳକୂପକୁ ଯିବା ରାସ୍ତାକୁ ବାଡ଼ ଦେଇ ବନ୍ଦ
- ପରିସ୍ଥିତି ଉତ୍ତେଜନାମୂଳକ ହେବାରୁ ଥାନାରେ ମାମଲା

କିନ୍ତୁ ହଠାତ୍ ରାସ୍ତା ବନ୍ଦ ହୋଇଯାଇଥିବାରୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ବିଶେଷକରି ମହିଳା ଓ ବୃଦ୍ଧବ୍ୟକ୍ତିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାକୁ ନେଇ ସାହିବାସୀ ଓ ସମ୍ପୃକ୍ତ ପକ୍ଷଙ୍କ ମଧ୍ୟରେ ତୀବ୍ର ଅଶାନ୍ତି ଦେଖା ଦେଇଛି। ପରିସ୍ଥିତି ଉତ୍ତେଜନାମୂଳକ ହେବାରୁ ମାମଲା ଯାଇ ପୁରୁଣାକଟକ ଥାନାରେ ପହଞ୍ଚିଛି। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ରାସ୍ତା ଖୋଲିବା ସହ ସମସ୍ୟାର ସ୍ଥାୟୀ ସମାଧାନ କରୁ ବୋଲି ଗ୍ରାମର ଛବିନ୍ଦ୍ର କହର, ବନମାଳୀ କହଁର, ଅଲେଖ ବେହେରା, ସୁଷମା ବେହେରା, ଅଶ୍ୱନୀ କହଁର ପ୍ରମୁଖ ଦାବି କରିଛନ୍ତି।

